The Odisha Gazette

EXTRAORDINARY

PUBLISHED BY AUTHORITY

No. 156 CUTTACK, MONDAY, JANUARY 25, 2021/MAGHA 5, 1942

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ନବରଙ୍ଗପୁର

## ଘୋଷଣା

LAC No. 01/2019/09/2021, The 16th January 2021

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ବଚ୍ଛତା ଆଇନ,୨୦୧୩ (RFCTLAR&R Act,2013)ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନ ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ବାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- ନବରଙ୍ଗପୁର, ଥାନା- ନବରଙ୍ଗପୁର ନଂ.୩୪, ତହସିଲ- ନବରଙ୍ଗପୁର, ଜିଲ୍ଲା- ନବରଙ୍ଗପୁର ରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା **ନବରଙ୍ଗପୁର-ରଜୋଡା-କୋଷାଗୁମୁଡା ରାସ୍ତା ଉନ୍ନତିକରଣ** ନିମନ୍ତେ ଭୂମି ଅଧିଗ୍ରହଣ ଅବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ବଚ୍ଛତା ଆଇନ, ୨୦୧୩ (RFCTLAR&R Act,2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୨୧ ତା ୧୯.୧୧.୨୦୨୦ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- ନବରଙ୍ଗପୁର, ଥାନା- ନବରଙ୍ଗପୁର ନଂ.୩୪, ଜିଲ୍ଲା- ନବରଙ୍ଗପୁର ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇ ନାହିଁ । ଏହି ଘୋଷଣାନାମା ଜିଲ୍ଲା ୱେବସାଇଟ www.nabarangpur,nic.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଛି । ଭୂ-ଅର୍ଜନ ଅଧିଗ୍ରହଣ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ନବରଙ୍ଗପୁରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

## ତଫସିଲ-କ

## (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ନବରଙ୍ଗପୁର | ତହସିଲ: ନବରଙ୍ଗପୁର

| ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟ ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ନବରଙ୍ଗପୁର | ସହରାଞ୍ଚଳ | ୧୦୨୫ | ୧୧୩୮ | ଡଙ୍ଗର | ୨.୭୯ ଏକର | ୦.୭୪ ଏକର | ଡମ୍ବୁ ଭତରା ପି: ସୁକୁ ଭତରା, ବା: ନିଜ ଗାଁ, ଜାତି: ଭତରା |

## ତଫସିଲ-ଖ

## (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ )

ଜିଲ୍ଲା: ନବରଙ୍ଗପୁର | ତହସିଲ: ନବରଙ୍ଗପୁର

| ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟ ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତର ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ – ୨୫.୦୬.୨୦୨୧

ଅଜିତ୍ କୁମାର ମିଶ୍ର

**ଜିଲ୍ଲାପାଳ, ନବରଙ୍ଗପୁର**

Printed and published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 1231—173+9